ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Works(Od)/381/19-06-2025**

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ପୂର୍ତ୍ତ ବିଭାଗ ପକ୍ଷରୁ ଦୁଇ ସ୍ତରୀୟ ବାରିକେଡିଂ ବ୍ୟବସ୍ଥା

ଭୁବନେଶ୍ୱର ୧୯/୦୬/୨୦୨୫

ଆସନ୍ତାକାଲି ଜୁନ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ । ଜନତା ମଇଦାନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ବହୁ ଜନସମାଗମ ହେବା ନେଇ ଆଶା ରହିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ବିଶିଷ୍ଟ ଅତିଥିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ତରଫରୁ ଏହି ମାର୍ଗରେ ଦୁଇ ସ୍ତରୀୟ ବାରିକେଡିଂର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଏହି ରାସ୍ତାରେ ଏକ ସ୍ଥାୟୀ ବାରିକେଡିଂ ବ୍ୟବସ୍ଥା ଥିବାବେଳେ କମିଶନରେଟ ପୋଲିସ, ଭୁବନେଶ୍ୱର-କଟକଙ୍କ ଅନୁରୋଧ କ୍ରମେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ମାର୍ଗରେ ଅତିରିକ୍ତ ବାରିକେଡିଂର ବ୍ୟବସ୍ଥା କରାଯାଇଛି ।

ସୁଜିତ ରଞ୍ଜନ ସ୍ୱାଇଁ
ଲୋକସମ୍ପର୍କ ଅଧିକାରୀ